# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାର

## କରୋନା (କୋଭିଡ୍-୧୯) ସଂକ୍ରମଣର ପ୍ରତିରୋଧ ନିମନ୍ତେ ଗ୍ରାମପଞ୍ଚାୟତ ସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ବ୍ୟବସ୍ଥା

କରୋନା ଭାଇରସର ସଂକ୍ରମଣ ଆଜି ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏପର୍ଯ୍ୟନ୍ତ ଏହି ରୋଗ ପାଇଁ କୌଣସି ପ୍ରତିଷେଧକ ବାହାରି ନାହିଁ। ତେଣୁ ସାମାଜିକ ଦୂରତା ବଜାୟ ରଖିବା, ମାସ୍କ ପିନ୍ଧିବା ଏବଂ ବାରମ୍ବାର ସାବୁନ କିମ୍ବା ଆଲ୍‌କୋହଲ ଯୁକ୍ତ ସାନିଟାଇଜରରେ ହାତ ଧୋଇବା ଦ୍ୱାରା ଆମେ କରୋନା ସଂକ୍ରମଣକୁ ରୋକିପାରିବା।

ବର୍ତ୍ତମାନ ଦେଶର ବିଭିନ୍ନ ଅଞ୍ଚଳରେ ଥିବା ଆମ ଓଡିଆ ଭାଇଭଉଣୀମାନେ ଘରକୁ ଫେରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସଂକ୍ରମିତ ରାଜ୍ୟ ମାନଙ୍କରୁ ଆସୁଛନ୍ତି। ଆମର ପ୍ରିୟ ମୁଖ୍ୟମନ୍ତ୍ରୀ କହିଛନ୍ତି 'ସେମାନେ ଆମ ପିଲା ଛୁଆ। ଆମ ଭାଇ ଭଉଣୀ । ଆମ ଘର ଲୋକ। ତେଣୁ ସେମାନଙ୍କ ଭଲମନ୍ଦ ବୁଝିବା ଆମର ଦାୟିତ୍ୱ।'

ଅନ୍ୟ ରାଜ୍ୟରୁ ଫେରୁଥିବା ଭାଇଭଉଣୀମାନେ ଯେପରି ନିଜେ ସୁସ୍ଥ ରହିବେ ଏବଂ ସେମାନଙ୍କ ପରିବାର ଓ ଗାଁ ସୁସ୍ଥ ରହିବ, ସଂକ୍ରମଣ ନ ବ୍ୟାପିବ, ସେଥିପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। Quarantine ବା ସଂଗରୋଧ କରୋନା ସଂକ୍ରମଣକୁ ରୋକିବାରେ ଅନ୍ୟତମ ଶ୍ରେଷ୍ଠ ବିକଳ୍ପ ହୋଇଥିବାରୁ ପ୍ରବାସରୁ ଗାଁକୁ ଫେରୁଥିବା ଭାଇଭଉଣୀମାନଙ୍କ ସମୟୋଚିତ ସଂଗରୋଧ ପାଇଁ ଗ୍ରାମପଞ୍ଚାୟତ ସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟଶିବିର ବ୍ୟବସ୍ଥା କରାଯାଇଛି। ଏହି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ପ୍ରସ୍ତୁତି ଓ ଏହାର ସୁପରିଚାଳନା ସମ୍ବନ୍ଧରେ ଆସନ୍ତୁ ଜାଣିବା ।

**୧. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର କାହିଁକି ଆବଶ୍ୟକ?**

ଉ : ରାଜ୍ୟ ବାହାରେ କାମ କରିବାକୁ ଯାଇଥିବା ଶ୍ରମିକ, ଛାତ୍ରଛାତ୍ରୀ, ବୃତ୍ତିଧାରୀ ବ୍ୟକ୍ତି ତଥା ଅଟକି ରହିଥିବା ତୀର୍ଥଯାତ୍ରୀମାନେ ବହୁ ସଂଖ୍ୟାରେ ନିଜ ନିଜ ଗ୍ରାମକୁ ଫେରୁଛନ୍ତି । ସେମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିଲେ ଗାଁରେ ଏହି ମହାମାରୀ ବ୍ୟାପି ଯାଇପାରେ, ଏହାକୁ ଆଖି ଆଗରେ ରଖି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା ଓ ୧୪ ଦିନ କ୍ୱାରେଣ୍ଟାଇନ୍ / ସଂଗରୋଧ ପରେ ସେମାନଙ୍କୁ ନିଜ ନିଜ ଘରକୁ ଯିବାକୁ ଅନୁମତି ଦିଆଯିବ ।

**୨. ଅନ୍ୟ ରାଜ୍ୟରୁ ଓଡିଶା ଫେରୁଥିବା ବ୍ୟକ୍ତିଙ୍କ ପାଇଁ ପଞ୍ଜୀକରଣ ଜରୁରୀ କି ?**

ଉ : ହଁ । ଭାରତର ଯେ କୌଣସି ଅଞ୍ଚଳରୁ ଓଡିଶା ଫେରୁଥିବା ସବୁ ବ୍ୟକ୍ତିଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ। ବିନା ପଞ୍ଜୀକରଣରେ କାହାରିକୁ ବି ରାଜ୍ୟରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ପାରିବ ନାହିଁ ।

**୩. ପଞ୍ଜୀକରଣ କିଏ କରିପାରିବ ?**

ଉ : ଓଡିଶା ଫେରିଆସିବାକୁ ଚାହୁଁଥିବା ବ୍ୟକ୍ତି ନିଜେ ବା ତାଙ୍କ ପରିବାରର ସଦସ୍ୟ ବା ତାଙ୍କ ବନ୍ଧୁ ତାଙ୍କ ପାଇଁ ରାଜ୍ୟ ସରକାରଙ୍କ ପୋର୍ଟାଲ https://covid19.odisha.gov.in ଜରିଆରେ ରେଜିଷ୍ଟ୍ରେସନ କରିପାରିବେ।

**୪. ବିନା ପଞ୍ଜୀକରଣରେ ଆସିଥିବା ବ୍ୟକ୍ତିବିଶେଷଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସଙ୍ଗରୋଧ ପାଇଁ ରଖାଯିବ କି ?**

ଉ : ହଁ, ଯଦି କୌଣସି ପ୍ରବାସୀ ପଞ୍ଜୀକରଣ ନ କରି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରକୁ ଆସନ୍ତି, ତେବେ ତାଙ୍କୁ ସଙ୍ଗରୋଧ ନିମନ୍ତେ ସମ୍ପୃକ୍ତ ଶିବିରରେ ରଖାଯାଇ ତାଙ୍କର ପଞ୍ଜୀକରଣ କରାଯିବ ।

**୫. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରକୁ ଆସିଥିବା ପ୍ରବାସୀ ବ୍ୟକ୍ତିଙ୍କର ଆଧାର କାର୍ଡ ମହଜୁଦ ନଥିଲେ ପଞ୍ଜୀକରଣ କରାଯାଇପାରିବ କି ?**

ଉ: ହଁ, ଯଦି କୌଣସି ବ୍ୟକ୍ତି ଆଧାର କାର୍ଡ ନ ଥିବା ଯୋଗୁ ପଞ୍ଜୀକରଣ କରିପାରୁନାହାନ୍ତି, ସେ କ୍ଷେତ୍ରରେ ସମ୍ପୃକ୍ତ ବ୍ଲକ୍‌ର ବିଡିଓଙ୍କ ଦ୍ୱାରା ଏହାର ଅନୁସନ୍ଧାନ କରାଯାଇ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ / ପିଡି ଡିଆରଡିଏଙ୍କ ଜରିଆରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପଞ୍ଜୀକରଣ ନିମନ୍ତେ ପଠାଯିବ ।

**୬. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ରହୁଥିବା ପ୍ରବାସୀଙ୍କ ସବିଶେଷ ତଥ୍ୟ କିପରି ରଖାଯିବ ?**

ଉ: ଶିବିରରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କ ନିମନ୍ତେ ଗୋଟିଏ ଆଡ୍‌ମିଶନ ରେଜିଷ୍ଟର ରହିବ, ଯେଉଁଥିରେ ସେମାନଙ୍କ ତଥ୍ୟ ଲିପିବଦ୍ଧ ହେବ ।

**୭. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ନୋଟିସ ବୋର୍ଡରେ କେଉଁ ତଥ୍ୟ ରଖାଯିବ ?**

ଉ: ସ୍ଥାନୀୟ ସରପଞ୍ଚ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଦାୟିତ୍ୱରେ ଥିବା ଗ୍ରାମପଞ୍ଚାୟତ ନୋଡାଲ୍ ଅଧିକାରୀ, ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ, ଥାନା ଅଧିକାରୀ, ବିଡିଓ, ସିଡିପିଓ, ଆଶା କର୍ମୀ, ଅଙ୍ଗନବାଡି କର୍ମୀ ତଥା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କର ନାମ ଓ ମୋବାଇଲ୍ ନମ୍ବର ଏହି ନୋଟିସ୍ ବୋର୍ଡରେ ଲେଖାଯିବ ।

**୮. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ଶଯ୍ୟାର ବ୍ୟବସ୍ଥା କିଭଳି ରହିବ ?**

ଉ : ସଙ୍ଗରୋଧ ନିମନ୍ତେ ଶିବିର ଗୁଡିକରେ ଏପରି ଭାବରେ ଶଯ୍ୟାର ବ୍ୟବସ୍ଥା କରାଯିବ ଯେପରି ଦୁଇଟି ଶଯ୍ୟା ମଧ୍ୟରେ ଅନ୍ତତଃ ପକ୍ଷେ ୧.୫ (ଦେଢ) ମିଟର ବ୍ୟବଧାନ ରହିବ ।

**୯. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ପ୍ରତ୍ୟେକ ଅନ୍ତେବାସୀଙ୍କୁ ମାଗଣାରେ କେଉଁ ସାମଗ୍ରୀ ଦିଆଯିବ ?**

ଉ : ପ୍ରତ୍ୟେକ ଅନ୍ତେବାସୀଙ୍କୁ ସଙ୍ଗରୋଧ ସମୟରେ ନିମ୍ନଲିଖିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା ଦାନ୍ତଘଷା ବ୍ରସ - ୧, ଜିଭ ଛେଲା - ୧, ଟୁଥପେଷ୍ଟ - ୧, ଲୁଗାଧୁଆ ସାବୁନ (୫୦ ରୁ ୭୫ ଗ୍ରାମ) - ୧, ଗାଧୁଆ ସାବୁନ (୧୫୦ ରୁ ୨୦୦ ଗ୍ରାମ) - ୧, ବାଲ୍ଟି - ୧, ପ୍ଲାଷ୍ଟିକ ମଗ୍ - ୧, ନଡିଆ ତେଲ ବୋତଲ (୫୦ ମି.ଲି.)- ୧, ପାନିଆଁ - ୧, ପାଣି ବୋତଲ (୧ଲିଟର) - ୧, ରେଜର୍ (ସୀମିତ ବ୍ୟବହାର ପାଇଁ) - ୧ (କେବଳ ପୁରୁଷଙ୍କ ପାଇଁ), ମଶା କଏଲ - ୧ ପ୍ୟାକେଟ୍, ଦୁଇ ପରସ୍ତ ସଫା ହୋଇ ପାରୁଥିବା ଫେସ ମାସ୍କ - ୨ଟା, ମହିଳା ତଥା କିଶୋରୀ ବାଳିକାଙ୍କ ପାଇଁ ସାନିଟାରୀ ପ୍ୟାଡ ର ବ୍ୟବସ୍ଥା ଆଶାକର୍ମୀ / ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଅନ୍ୟାନ୍ୟ ସ୍ଥାନୀୟ ସୁବିଧାରୁ ଆବଶ୍ୟକ ସ୍ଥଳେ ଯୋଗାଇ ଦିଆଯାଇପାରେ ।

**୧୦. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ପରିଚାଳନା ଦାୟିତ୍ୱରେ କିଏ ରହିବେ ?**

ଉ : ପ୍ରତ୍ୟେକ ଶିବିର ନିମନ୍ତେ ଜଣେ ଲେଖାଏଁ ନୋଡାଲ୍ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ବିଡିଓଙ୍କ ଦ୍ୱାରା ଗ୍ରାମପଞ୍ଚାୟତ ସ୍ତରରେ ନୋଡାଲ୍ ଅଧିକାରୀଙ୍କୁ ମିଶାଇ ୧୦ ଜଣିଆ କମିଟି ଗଠିତ ହେବ, ଯେଉଁଥିରେ ୫ ଜଣ ଯଥା : ନୋଡାଲ୍ ଅଧିକାରୀ, ଆଇ.ସି.ଡି.ଏସ୍. ସୁପରଭାଇଜର, ଜି.ଆର.ଏସ୍., ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଅଙ୍ଗନୱାଡ଼ି କର୍ମୀ / ଶିକ୍ଷକ ଇତ୍ୟାଦି ସଦସ୍ୟ ରହିବେ । ଆଉ ୫ ଜଣ ସଦସ୍ୟ ରିଜର୍ଭ ଭାବରେ ରହିବେ ଏବଂ ଆବଶ୍ୟକ ସ୍ଥଳେ ନିୟୋଜିତ ହେବେ । ଏହି କମିଟି ଶିବିର ପରିଚାଳନା ଦାୟିତ୍ୱରେ ରହିବେ । ସେହିଭଳି ଅସ୍ଥାୟୀ ସ୍ୱାସ୍ଥ୍ୟଶିବିରର ସୁପରିଚାଳନା ନିମନ୍ତେ ବ୍ଲକ ସ୍ତରରେ ବିଡିଓଙ୍କ ଅଧ୍ୟକ୍ଷତାରେ ଏକ ଷ୍ଟିୟରିଂ କମିଟି ଗଠିତ ହେବ, ଯେଉଁଥିରେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ, ପୋଲିସ୍ ଅଧିକାରୀ, ସିଡିପିଓ, ଆର୍‌ଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ସଦସ୍ୟ ରହିବେ । ଏହି କମିଟି ବ୍ଲକ ଅନ୍ତର୍ଗତ ସମସ୍ତ ଶିବିରଗୁଡିକର ସୁପରିଚାଳନା ପାଇଁ ବିଡିଓଙ୍କ ତତ୍ତ୍ୱାବଧାନରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

**୧୧. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ସୁପରିଚାଳନା ପାଇଁ କେଉଁ ତିନୋଟି ମୁଖ୍ୟ ନୀତିକୁ ନିଷ୍ଠାର ସହ ପାଳନ କରିବା ଉଚିତ ?**

ଉ: ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ପରିଚାଳନା ପାଇଁ ନିର୍ଦ୍ଧାରିତ ହୋଇଥିବା ତିନୋଟି ମୁଖ୍ୟ ନୀତି ହେଲା **(କ) ପୃଥକ ବାସ (ଖ) ସୁରକ୍ଷା ଓ (ଗ) ମର୍ଯ୍ୟାଦା ।**

**ପୃଥକ ବାସ** କହିଲେ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ ଗାଧୁଆ ଘର ଓ ଶୌଚାଳୟର ବ୍ୟବସ୍ଥା ହେବା ଉଚିତ୍ । ତୃତୀୟ ଲିଙ୍ଗ ବା LGBT ଗୋଷ୍ଠୀର କୌଣସି ବ୍ୟକ୍ତିବିଶେଷ ଥିଲେ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ହେବ । ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଆବଶ୍ୟକତାକୁ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ ।

**ସୁରକ୍ଷା** କହିଲେ ସଂଗରୋଧରେ ଥିବା ସମସ୍ତଙ୍କ ମନରେ କୌଣସି ପ୍ରକାର ଭୟ ବା ଅସୁରକ୍ଷିତ ରହିବାର ଆଶଙ୍କା ନଥିବ । ମହିଳା ଓ ଶିଶୁମାନଙ୍କର ସୁରକ୍ଷା ଓ ସେମାନଙ୍କ ନିରାପତ୍ତା ପ୍ରତି ସ୍ୱତନ୍ତ୍ର ରୂପେ ଧ୍ୟାନ ଦେବାକୁ ହେବ ।

**ମର୍ଯ୍ୟାଦା** କହିଲେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ତତ୍ତ୍ୱାବଧାନରେ ସଂଗରୋଧରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କ ମର୍ଯ୍ୟାଦା ପ୍ରତି ଉଚିତ ଧ୍ୟାନ ଦିଆଯିବା ଆବଶ୍ୟକ ।

**୧୨. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ଖାଦ୍ୟ ବ୍ୟବସ୍ଥା କିପରି କରାଯିବ ?**

ଉ: (କ) ଖାଦ୍ୟର ଉପଯୁକ୍ତ ରନ୍ଧନ କରାଯିବା ସହିତ ନିମ୍ନଲିଖିତ ନିର୍ଘଣ୍ଟ ଅନୁସାରେ ପରିବେଷଣ କରାଯିବା ଉଚିତ – ପ୍ରାତଃ ଭୋଜନ – ସକାଳ ୮ଟା ରୁ ୯ଟା ମଧ୍ୟରେ, ମଧ୍ୟାହ୍ନ ଭୋଜନ – ଦିନ ୧୨ଟା ୩୦ ରୁ ଅପରାହ୍ନ ୨ଟା ମଧ୍ୟରେ, ସାଂଧ୍ୟ ଜଳଯୋଗ ଓ ଚା’ ପାନ – ଅପରାହ୍ନ ୫ଟା ଏବଂ ରାତ୍ରୀ ଭୋଜନ – ରାତ୍ରୀ ୭ଟା ୩୦ ରୁ ୯ଟା ମଧ୍ୟରେ ।

(ଖ) ଶିବିର ପରିଚାଳକଙ୍କ ଦ୍ୱାରା ଶିଶୁମାନଙ୍କ ପାଇଁ ଯେତେଦୂର ସମ୍ଭବ ଛତୁଆ ଅଥବା ଅନ୍ୟାନ୍ୟ ଖାଦ୍ୟ କ୍ଷୀର, ଅଣ୍ଡା ଓ ବିସ୍କୁଟ ଆଦିର ବ୍ୟବସ୍ଥା କରାଯିବା ଉଚିତ୍ ।

**୧୩. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ପାନୀୟ ଜଳର ବ୍ୟବସ୍ଥା କିପରି କରାଯିବ ?**

ଉ: ଶିବିରରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କ ନିମନ୍ତେ ସୁରକ୍ଷିତ ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରାଯିବା ଉଚିତ୍, ଯାହା ଫୁଟା ଯାଇଥିବ, ଅଥବା ଫିଲ୍ଟର୍ କରାଯାଇଥିବ ଏବଂ ଆବଶ୍ୟକ ସ୍ଥଳେ ହାଲୋଜେନ୍ ଟାବ୍ଲେଟ୍ ପକାଯାଇଥିବ ।

**୧୪.	ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ବିଭିନ୍ନ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ କେଉଁଭଳି ଅର୍ଥରାଶିର ଅନୁମୋଦନ କରାଯାଇଛି ?**

ଉ:	ପ୍ରତ୍ୟେକ ବୟସ୍କ ବ୍ୟକ୍ତି ପାଇଁ ୧୨୦ ଟଙ୍କା ଓ ୧୪ ବର୍ଷରୁ କମ ଶିଶୁଙ୍କ ପାଇଁ ୧୦୦ ଟଙ୍କା ଦୈନିକ ଖର୍ଚ୍ଚ ହିସାବରେ ୧୪ ଦିନ ପର୍ଯ୍ୟନ୍ତ ଖାଦ୍ୟ ବାବଦରେ ଖର୍ଚ୍ଚ ପ୍ରଦାନ କରାଯିବ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା କିଟ୍ (ଦାନ୍ତଘଷା ବ୍ରସ, ପେଷ୍ଟ, ଜିଭ ଛେଲା, ସାବୁନ, ତେଲ, ରେଜର, ମାସ୍କ, ସାନିଟାରୀ ପ୍ୟାଡ୍, ମଗ୍, ପାଣି ବୋତଲ, ବାଲ୍ଟି ଇତ୍ୟାଦି) ବାବଦରେ (୧୪ ଦିନ ନିମନ୍ତେ) ମୋଟ୍ ୩୦୦ ଟଙ୍କା ଖର୍ଚ୍ଚ କରାଯିବ । ବିଶୋଧନ, ପରିମଳ ତଥା ସୁରକ୍ଷା ସେବା ଯୋଗାଇ ଦେବାପାଇଁ ପ୍ରତ୍ୟେକ କ୍ଷେତ୍ରରେ ପ୍ରକୃତ ଖର୍ଚ୍ଚ ଦୈନିକ ୨୦୦୦ ଟଙ୍କାରୁ ଅଧିକ ହେବ ନାହିଁ ।

**୧୫.	ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସିଭିଲ୍ କାର୍ଯ୍ୟକୁ ସୁନିଶ୍ଚିତ କରିବା ନିମନ୍ତେ ପାଣ୍ଠି କିପରି ବିନିଯୋଗ ହେବ ?**

ଉ:	ସମସ୍ତ ସିଭିଲ୍ କାର୍ଯ୍ୟ ଯଥା ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରକୁ ଚୁନ ରଙ୍ଗ କରିବା, ବିଦ୍ୟୁତ୍ ସରବରାହ, ପଙ୍ଖା, ଆଲୋକ, ପାୱାର ବ୍ୟାକ୍ଅପ୍ (ଇନ୍ଭର୍ଟର୍), ପାନୀୟ ଜଳର ବ୍ୟବସ୍ଥା, ପାଣିର ସୁବିଧା ସହ ଶୌଚାଳୟ, ପାଣି ଟାଙ୍କି, ଗାଧୁଆ ତଥା ଲୁଗାଧୁଆ ପାଇଁ କୁଣ୍ଡ ଇତ୍ୟାଦି କାର୍ଯ୍ୟ ଅର୍ଥ କମିଶନ ଅନୁଦାନରୁ ବିନିଯୋଗ କରାଯାଇ ପାରିବ ।

**୧୬.	ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ଅଣ ସିଭିଲ୍ କାର୍ଯ୍ୟକୁ ସୁନିଶ୍ଚିତ କରିବା ନିମନ୍ତେ ପାଣ୍ଠି କିପରି ବିନିଯୋଗ ହେବ ?**

ଉ:	ସେହିଭଳି ଅଣ ସିଭିଲ୍ କାର୍ଯ୍ୟ ଯଥା ଶଯ୍ୟା, ତକିଆ, ବାଲ୍ଟି, ମଗ୍, ଥାଳି, ଖାଦ୍ୟ ଯୋଗାଣ, ସାବୁନ୍, ସାନିଟାଇଜର୍, ଡିଟରଜେଣ୍ଟ୍, ଫିନାଇଲ୍, ବ୍ଲିଚିଂ, ମାସ୍କ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ରକ୍ଷା ଓ ବିଶୋଧନ ସାମଗ୍ରୀ ରାଜ୍ୟ ବିପର୍ଯ୍ୟୟ ରିଲିଫ୍ ପାଣ୍ଠିରୁ ଜିଲ୍ଲାମାନଙ୍କୁ ମଞ୍ଜୁର ହୋଇଥିବା ଅର୍ଥରୁ ଖର୍ଚ୍ଚ ହେବ । ପାଣ୍ଠି ଯୋଗାଣ ହୋଇ ନଥିବା ସ୍ଥଳେ ମହଜୁଦ ଥିବା ପାଣ୍ଠିରୁ ଏହା ବ୍ୟୟ କରାଯିବ । ଏଥି ସମ୍ବନ୍ଧୀୟ ଦୈନନ୍ଦିନ ବ୍ୟୟର ଟିକିନିକି ହିସାବ ପ୍ରସ୍ତୁତ କରାଯାଇ ଏସ୍.ଆର୍.ସି.ଙ୍କ ପାଣ୍ଠିରୁ ଭରଣା ପାଇଁ ବିଡିଓଙ୍କ ନିକଟରେ ଦାଖଲ କରାଯିବ । ଆର୍ଥିକ ନିୟମାବଳୀକୁ ପାଳନ କରାଯାଇ ସମସ୍ତ ଅର୍ଥ ବିନିଯୋଗ ସ୍ୱଚ୍ଛତାର ସହିତ କରାଯିବ ।

**୧୭. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ କେଉଁ ରେଜିଷ୍ଟର ପରିଚାଳନା କରାଯିବ ?**

ଉ: ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପତ୍ର ସଂଖ୍ୟା ୭୯୭୧ ତାରିଖ : ୨.୫.୨୦୨୦ ତାରିଖ ପ୍ରକାରେ ଶିବିରର ପ୍ରଶାସନିକ ସୁପରିଚାଳନା ଓ ଆର୍ଥିକ ଅନୁଦାନର ସୁବିନିଯୋଗ ନିମନ୍ତେ ନିମ୍ନଲିଖିତ ରେଜିଷ୍ଟର ଯଥା (୧) ଆଡ୍‌ମିଶନ ରେଜିଷ୍ଟର (୨) ଲକ୍ଷଣ ତଥା ଅଭିଯୋଗ ରେଜିଷ୍ଟର (୩) ପରିଦର୍ଶନ ରେଜିଷ୍ଟର ଏବଂ ନିୟୋଜିତ ହୋଇଥିବା କର୍ମଚାରୀଙ୍କ ଉପସ୍ଥାନ ରେଜିଷ୍ଟର ଏବଂ ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ ରେଜିଷ୍ଟର ପରିଚାଳନା କରାଯିବ ।

**୧୮. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ବିଦ୍ୟୁତ୍ ଏବଂ ଆଲୋକୀକରଣ ବ୍ୟବସ୍ଥା କିପରି କରାଯିବ ?**

ଉ : ସଙ୍ଗରୋଧ ଶିବିରରେ ଆଲୋକ ଓ ପଙ୍ଖା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ୍ । ଶୌଚାଳୟ, ବାରଣ୍ଡା, ଶିବିରର ଚାରିପଟ ଇତ୍ୟାଦି ନିମନ୍ତେ ଆଲୋକୀକରଣ କରିବା ଦରକାର । ଏ କ୍ଷେତ୍ରରେ ବୈଦ୍ୟୁତିକ ସୁରକ୍ଷାର ସମସ୍ତ ନିୟମ ପାଳନ ଏକାନ୍ତ ଆବଶ୍ୟକ । ଏ ସବୁ ଶିବିରରେ ମୋବାଇଲ ଚାର୍ଜ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପ୍ଲଗ୍ ପଏଣ୍ଟ ରହିବା ଆବଶ୍ୟକ ।

**୧୯. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ପରିମଳ ବ୍ୟବସ୍ଥାକୁ କିପରି ସୁନିଶ୍ଚିତ କରାଯିବ ?**

ଉ :

- ଶିବିର ପରିସରକୁ ଦୈନିକ ଅନ୍ୟୁନ ୩ ଥର ସଫା କରିବା ସହ ଉପଯୁକ୍ତ ପରିମଳ ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ୍ ।
- ଶିବିର ପରିସରରେ ଛେପ ପକାଇବା, ଧୂମପାନ, ତଥା ଗୁଟ୍‌ଖା ଆଦି ଚୋବାଇବା ସଂପୂର୍ଣ୍ଣ ନିଷେଧ ।
- ଯେତେଦୂର ସମ୍ଭବ ଖାଇବା ପାଇଁ ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲେଟର ଉପଯୋଗ କରାଯିବା ଉଚିତ୍ ।
- ବ୍ୟବହୃତ ପ୍ଲେଟ ଗୁଡିକୁ ନିରାପଦ ଦୂରତ୍ୱରେ ଥିବା ଏକ ଖାତରେ ପକାଇ ତାହାକୁ ମାଟି ଦ୍ୱାରା ଘୋଡାଇ ଦିଆଯିବା ଉଚିତ୍ । ଏହିସବୁ ସ୍ଥାନଗୁଡିକ ନିୟମିତ ବ୍ୟବଧାନରେ ବ୍ଲିଚିଂ ପାଉଡରରେ ବିଶୋଧନ କରାଯିବା ଆବଶ୍ୟକ ।
- ଶିବିରରେ କୌଣସି ବ୍ୟକ୍ତିଙ୍କୁ ଅନ୍ୟ ଜଣଙ୍କର ବ୍ୟକ୍ତିଗତ ସାମଗ୍ରୀ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରାଯିବ ନାହିଁ ।

**୨୦. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକ କିପରି କରାଯିବ ?**

ଉ:

- ଜ୍ୱର ଓ ଥଣ୍ଡାର ଲକ୍ଷଣ ସହ ଆସୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ଅଲଗା କରି ରଖାଯିବ ଏବଂ ସେମାନଙ୍କର ଆବଶ୍ୟକୀୟ ପରୀକ୍ଷା ଓ ଚିକିତ୍ସା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସୂଚିତ କରାଯିବ । ଶିବିରରେ ରହିବା ସମୟରେ ସମସ୍ତ ଅନ୍ତେବାସୀ ସର୍ବଦା ମାସ୍କ ବ୍ୟବହାର କରିବେ ।
- ମିଳିମିଳା, ତରଳ ଝାଡ଼ା, ହଇଜା, ଚର୍ମ ରୋଗ ଆଦି ରୋଗ ତୁରନ୍ତ ଚିହ୍ନଟ କରାଯିବା ପାଇଁ ଶିବିରରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ଓ ଏସବୁର ଉପଚାର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ । ଶିବିରରେ ଆଶୁ ଚିକିତ୍ସା ବା ଫାଷ୍ଟ ଏଡ୍ ବକ୍ସ ଓ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍ ପ୍ୟାକେଟ ମହଜୁଦ୍ ରଖାଯିବ ।

**୨୧. ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ କିଏ କରିବେ ?**

ଉ: ସ୍ଥାନୀୟ ଆଶା କର୍ମୀ / ଅଙ୍ଗନବାଡି କର୍ମୀ / ମହିଳା ସ୍ୱାସ୍ଥ୍ୟ କର୍ମୀ / ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଦ୍ୱାରା ଅନ୍ତେବାସୀମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଦୈନନ୍ଦିନ ଅନୁଧ୍ୟାନ କରାଯିବ । ବୟସ୍କ ବ୍ୟକ୍ତି, ରୋଗୀ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ସେମାନଙ୍କ ଉପଯୁକ୍ତ ଯତ୍ନ ନିଆଯିବ । ସ୍ଥାନୀୟ ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀ ନିୟମିତ ଶିବିର ପରିଦର୍ଶନ କରି ଗର୍ଭବତୀ, ପ୍ରସୂତୀ ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିବେ ଓ ସେମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପ୍ରତି ଧ୍ୟାନ ଦେବେ । ଜରୁରୀ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଲେ ତୁରନ୍ତ ସ୍ଥାନୀୟ ମେଡିକାଲ୍ ଅଫିସରଙ୍କ ଦୃଷ୍ଟିକୁ ଅଣାଯିବ ।

**୨୨. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସଫେଇ, ପରିମଳ ଓ ନିରାପତ୍ତା ବ୍ୟବସ୍ଥା କିପରି ହେବ ?**

ଉ: ପ୍ରତ୍ୟେକ ଅସ୍ଥାୟୀ ସ୍ୱାସ୍ଥ୍ୟଶିବିରର ସଫେଇ, ପରିମଳ ଓ ନିରାପତ୍ତା ବ୍ୟବସ୍ଥା ନିମନ୍ତେ ପ୍ରତ୍ୟେକ ଦିନ ପାଇଁ ସର୍ବାଧିକ ୨ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ଦିନ ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ୩ ଥର ଫିନାଇଲ୍‌ରେ ଶିବିରର ସମସ୍ତ କୋଠରୀ ତଥା ଶୌଚାଳୟ, ବାରଣ୍ଡା, ସାଧାରଣ ସ୍ଥାନ, ଗାଧୁଆ ଘର ଇତ୍ୟାଦି ସଫା କରାଯିବ । ଶିବିରର ନିରାପତ୍ତା ନିମନ୍ତେ ସିକ୍ୟୁରିଟି ଗାର୍ଡ / ଗ୍ରାମରକ୍ଷୀଙ୍କୁ ନିୟୋଜନ କରାଯିବ । ଶିବିରର ଅବସ୍ଥିତି ଓ ସେଥିରେ ରହୁଥିବା

ଲୋକଙ୍କ ସଂଖ୍ୟା ଆଦି ସ୍ଥାନୀୟ ପୋଲିସ୍ ଅଧିକାରୀଙ୍କ ଅବଗତି ନିମନ୍ତେ ସୂଚିତ ହେବା ଉଚିତ୍ । ଏସବୁ ଶିବିରର ମୌଳିକ ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ତଥା ଦିବାରାତ୍ର ନିୟମିତ ବ୍ୟବଧାନରେ ଅନୁଧ୍ୟାନ କରିବା ପାଇଁ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ଅନୁରୋଧ କରାଯିବା ଆବଶ୍ୟକ ।

**୨୩. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ଅନ୍ତେବାସୀଙ୍କୁ ସହାୟତା ପାଇଁ ନିୟୋଜିତ କର୍ମଚାରୀଙ୍କ ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ (ପିପିଇ) କିପରି ବ୍ୟବହାର କରାଯିବ ?**

ଉ : ଶିବିରରେ ବିଭିନ୍ନ ସେବା ଯଥା ସଫେଇ, ପରିମଳ, ଖାଦ୍ୟ ପରିବେଷଣ, ଚିକିତ୍ସା ନିମନ୍ତେ ନିୟୋଜିତ କର୍ମଚାରୀ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ (ପିପିଇ) ବ୍ୟବହାର କରିବେ । ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଦାୟିତ୍ୱରେ ଥିବା ଡାକ୍ତର / ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ପିପିଇ ର ଉଚିତ୍ ବ୍ୟବହାର ସମ୍ବନ୍ଧରେ ବ୍ୟବହାର କରୁଥିବା ଲୋକଙ୍କୁ ବୁଝାଇ ଦେବେ ।

**୨୪. ସଙ୍ଗରୋଧରେ ରହିଥିବା ଅନ୍ତେବାସୀଙ୍କ ଚିହ୍ନଟ ପାଇଁ ଅଲିଭା କାଳିର ବ୍ୟବହାର କିପରି କରାଯିବ ?**

ଉ : ସଙ୍ଗରୋଧରେ ରହିଥିବା ପ୍ରତ୍ୟେକ ଅନ୍ତେବାସୀଙ୍କ ଚିହ୍ନଟ ପାଇଁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଅଲିଭା କାଳି ବ୍ୟବହାର କରାଯିବ । ବ୍ଲକ ଏବଂ ଜିଲ୍ଲାର ନାମ ସହିତ କେଉଁ ତାରିଖ ଯାଏଁ କ୍ୱାରେଣ୍ଟାଇନ୍‌ରେ ରଖାଯିବ ତାହା ଉଲ୍ଲେଖ ଥାଇ ଏକ ଷ୍ଟାମ୍ପ ପ୍ରସ୍ତୁତ କରାଯିବ । ଏହି ଷ୍ଟାମ୍ପରେ ଅଲିଭା କାଳି ବ୍ୟବହାର କରାଯାଇ ସଙ୍ଗରୋଧରେ ରହୁଥିବା ବ୍ୟକ୍ତିଙ୍କ ଡାହାଣ ହାତ ପାପୁଲି ପଛ ପାଖରେ ଷ୍ଟାମ୍ପିଂ କରାଯିବ ।

**୨୫. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସଙ୍ଗରୋଧରେ ରହିଥିବା ଅନ୍ତେବାସୀଙ୍କ ପାଇଁ ଶିକ୍ଷା ତଥା ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ କିପରି କରାଯିବ ?**

ଉ : ଶିବିରରେ ରହିଥିବା ଶିଶୁମାନଙ୍କୁ ହସଖୁସିରେ ରଖିବା ପାଇଁ ଅଙ୍ଗନବାଡି କର୍ମୀ ତଥା ସ୍ୱାସ୍ଥ୍ୟ କର୍ମୀ କିମ୍ବା ସ୍ଥାନୀୟ ଶିକ୍ଷକଙ୍କ ଦ୍ୱାରା ଗପ କହିବା ବ୍ୟବସ୍ଥା ଆଦି ସଂପର୍କରେ ଶିବିର ପରିଚାଳକ ପଦକ୍ଷେପ ଗ୍ରହଣ କରିପାରନ୍ତି । ବେସରକାରୀ ଅନୁଷ୍ଠାନ ଓ ନାଗରିକ ସମାଜ ଅନୁଷ୍ଠାନମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବରେ ଯୋଗ ଅଧିବେଶନ, ଶିଶୁମାନଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା, ଅନ୍ତାକ୍ଷରୀ, ପ୍ରେରଣାଦାୟୀ ବକ୍ତୃତା, ଗପ କହିବା, ସ୍ୱାସ୍ଥ୍ୟର ଯତ୍ନ ତଥା ସଚେତନତା ସଂପର୍କିତ ଆଲୋଚନା ଏବଂ ବିଶେଷଜ୍ଞମାନଙ୍କ ଦ୍ୱାରା ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇପାରେ ।

**୨୬. ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସାମାଜିକ ଦୂରତା ରକ୍ଷା ନିମନ୍ତେ କ'ଣ କରାଯିବ?**

ଉ : ଶିବିରରେ ସାମାଜିକ ଦୂରତା ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ଯୋଜନା ଓ ସୀମା ନିର୍ଦ୍ଧାରଣ ଆଗୁଆ ସୁନିଶ୍ଚିତ କରାଯିବ। ଆବଶ୍ୟକ ସ୍ଥଳେ ଯେତେ ଦୂର ସମ୍ଭବ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଅନୁକୂଳ ବ୍ୟବସ୍ଥା ଗ୍ରହଣ କରାଯିବ। ସାମାଜିକ ଦୂରତା ରକ୍ଷା କରିବା ଦିଗରେ କେଉଁ କେଉଁ କାର୍ଯ୍ୟ କରିବା ଉଚିତ୍ ଅଥବା ଅନୁଚିତ୍, ସେ ସଂପର୍କିତ ପୋଷ୍ଟର ଓ ବ୍ୟାନର ପ୍ରସ୍ତୁତ କରାଯାଇ ଶିବିରର ଉପଯୁକ୍ତ ସ୍ଥାନରେ ପ୍ରଦର୍ଶିତ କରାଯିବ।

**୨୭. ଅସ୍ଥାୟୀ ସ୍ୱାସ୍ଥ୍ୟଶିବିରରେ ଯଦି ଜଣେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରନ୍ତି, ତେବେ କଣ ପଦକ୍ଷେପ ନିଆଯିବ ?**

ଉ : ଅସ୍ଥାୟୀ ସ୍ୱାସ୍ଥ୍ୟଶିବିର ପାଇଁ ପ୍ରସ୍ତୁତ ନିୟମାବଳୀକୁ ସମସ୍ତେ କଡାକଡି ଭାବେ ପାଳନ କରିବା ଆବଶ୍ୟକ । କିନ୍ତୁ ଯଦି ଜଣେ ଅସ୍ଥାୟୀ ସ୍ୱାସ୍ଥ୍ୟଶିବିରରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରନ୍ତି, ତେବେ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଯଥା: ଜିଲ୍ଲା ବାହାରର ଆସ୍ଥାୟୀ ସ୍ୱାସ୍ଥ୍ୟଶିବିରକୁ ପଠାଯିବା, ପ୍ରୋତ୍ସାହନ ରାଶି ବନ୍ଦ କରିଦିଆଯିବା ସହିତ ଆବଶ୍ୟକ ହେଲେ ତାଙ୍କୁ ଗିରଫ ମଧ୍ୟ କରାଯିବ।

ସମାଜର ବୃହତ୍ତର କଲ୍ୟାଣ ରାଜ୍ୟ ସରକାରଙ୍କର ଆଭିମୁଖ୍ୟ। ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ । ତେଣୁ କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ସମସ୍ତଙ୍କ ସକ୍ରିୟ ସହଯୋଗ ରହିଲେ ଆମେ କରୋନାକୁ ପରାଜିତ କରିପାରିବା ।